# ବାଜପେୟୀଙ୍କ ରାଜନୀତି

୧୯/୦୭/୨୦୦୩

## ଆମ ଘରର ହାଲ୍‌ଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ଭାରତର ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ସରକାରଙ୍କ ଉପରେ ସଦା ନିର୍ଭରଶୀଳ ରାଜ୍ୟଗୁଡ଼ିକ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆଗମନ ସବୁବେଳେ ଉଲ୍ଲେଖନୀୟ ହୋଇ ରହିଥାଏ । ଅଟଳ ବିହାରୀ ବାଜପେୟୀ କିନ୍ତୁ ପ୍ରଧାନମନ୍ତ୍ରୀ ହେବା ଦିନଠାରୁ କେଜାଣି କାହିଁକି ଓଡ଼ିଶା ପାଇଁ ସେପରି ଉତ୍ସାହ ସୃଷ୍ଟି କରିପାରୁନାହାନ୍ତି । ବାତ୍ୟାବେଳେ ପ୍ରଧାନମନ୍ତ୍ରୀଙ୍କ ବିମାନ ପ୍ରତିକୂଳ ପାଗ ଯୋଗୁଁ ଓଡ଼ିଶା ମାଟିରେ ଓହ୍ଲାଇ ପାରି ନ ଥିଲା । ଭୁବନେଶ୍ୱରରେ ନବନିର୍ମିତ ବିମାନ ବନ୍ଦରକୁ ବ୍ୟବହାରର ବହୁଦିନ ପରେ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରିବାପାଇଁ ସେ ଓଡ଼ିଶା ଆସିଥିଲେ । ଆଉଥରେ ପାରାଦୀପଠାରେ ତୈଳ ପ୍ରକଳ୍ପର ଶିଳାନ୍ୟାସ କରିବାପାଇଁ ଆସିଥିଲେ ଯେ, ସେ ପ୍ରକଳ୍ପ ବର୍ତ୍ତମାନ ହେବ କି ନ ହେବ ତାହା ୨୦୧୦ ମସିହା ପରେ ହିଁ ଜଣାପଡ଼ିବ । ଏଥର ମଧ୍ୟ ପ୍ରଧାନମନ୍ତ୍ରୀଙ୍କର ଗସ୍ତ କର୍ମକୁ କାଣ୍ଟଛାଣ୍ଟ କରିବାକୁ ପଡ଼ିଲା । ମାତ୍ର ଦୁଇ ଘଣ୍ଟାରେ ସବୁ କାର୍ଯ୍ୟ ସରିଗଲା । ତେବେ ଏହି ଦୁଇ ଘଣ୍ଟା ମଧ୍ୟରେ ପ୍ରଧାନମନ୍ତ୍ରୀ ଆମ ଉଦ୍ଦେଶ୍ୟରେ ଯେଉଁ ଦୁଇତିନୋଟି କଥା କହିଲେ ତାହା ଆମକୁ ଅଧିକ ନିରୁତ୍ସାହିତ କରୁଛି । ଅନ୍ତତଃପକ୍ଷେ ଅଟଳ ବିହାରୀ ବାଜପେୟୀଙ୍କ ଭଳି ଜଣେ ରାଷ୍ଟ୍ରନାୟକଙ୍କଠାରୁ ଏହା ଆଶା କରାଯାଉ ନ ଥିଲା । କାରଣ ବାଜପେୟୀ କେବଳ ବିଜେପି ଦଳର ପତାକାଧାରୀ କର୍ମୀମାନଙ୍କର ନେତା ନୁହଁନ୍ତି । ତାଙ୍କର ପରିଣତ ବୟସ ଓ ଭଗ୍ନସ୍ୱାସ୍ଥ୍ୟ ସତ୍ତ୍ୱେ ଭାରତର ଏ ସଙ୍କଟ ସମୟରେ ସେ ହିଁ ଏକମାତ୍ର ଭରସା ବୋଲି ଆମେ ସମସ୍ତେ ମନେକରୁ । ତେବେ ଓଡ଼ିଶା ଗସ୍ତ ସମୟରେ ତାଙ୍କର ଆଚରଣ ଗାଁ ସରପଞ୍ଚଙ୍କଠାରୁ ମଧ୍ୟ ବଳିଗଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ସ୍ୱାଧୀନତାର ୫୦ ବର୍ଷ ପରେ ମଧ୍ୟ ଓଡ଼ିଶାରେ କିଛି ହୋଇ ନ ଥିଲା । ଗତ ୫ ବର୍ଷରେ ସବୁକିଛି ଆରମ୍ଭ ହୋଇଛି ବୋଲି ବାଜପେୟୀ ଯାହା କହିଲେ, ତାହା ଗତ ୫୦ ବର୍ଷରୁ ଅଧିକ ସମୟ ଧରି ଭାରତୀୟ ରାଜନୀତି ସହିତ ସମ୍ପୃକ୍ତ ଥିବା ଜଣେ ବ୍ୟକ୍ତି ପକ୍ଷରେ ଆଦୌ ଶୋଭନୀୟ ହେଉନାହିଁ । ୫୫ ବର୍ଷ ତଳେ ଓଡ଼ିଶା କ'ଣ ଥିଲା ଏବଂ ଆଜି କ'ଣ ହୋଇଛି ଏବଂ ଗତ ୫ ବର୍ଷ ଭିତରେ ବିଶେଷ ଭାବରେ କ'ଣ ଘଟିଛି ତାହା ଆମକୁ ବୁଝାଇ କହିବା ଦରକାର ନାହିଁ । ଉଦ୍‌ଘାଟନ ଉତ୍ସବକୁ ଯେଉଁଳି ଭାବେ ଦଳୀୟ ନିର୍ବାଚନ ସଭା ପରି ବ୍ୟବହାର କରାଗଲା ତାହା ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ଦୃଷ୍ଟିରୁ ଆଦୌ ସ୍ପୃହଣୀୟ ହେଲାନାହିଁ । ଦଳୀୟ ମନ୍ତ୍ରୀଙ୍କୁ ମଞ୍ଚାସୀନ କରିବାପାଇଁ ଦୁଇଥର ନିମନ୍ତ୍ରଣପତ୍ର ଛପାଗଲା । ଅଥଚ ସ୍ଥାନୀୟ ସାଂସଦ ଏବଂ ବିଧାୟକଙ୍କ କଥା ମନେ ପଡ଼ିଲାନାହିଁ । ଯଦି ପ୍ରସନ୍ନ ପାଟ୍ଟଶାଣୀ ଅସନ୍ତୁଷ୍ଟ ନ ହୋଇ ଜଗନ୍ନାଥ ମଲ୍ଲିକଙ୍କ ପରି ସନ୍ତୁଷ୍ଟ ହୋଇଯାଇଥାଆନ୍ତେ କିମ୍ବା ସୁର ରାଉତରାୟ ବିଜେପି ଦଳର ବିଧାୟକ ହୋଇଥାଆନ୍ତେ ତାହାହେଲେ ମଞ୍ଚସଜ୍ଜା କିପରି ହୋଇଥାଆନ୍ତା ତାହା ଆମେ ବେଶ୍ ଅନୁମାନ କରିପାରୁଛୁ । ଏଭଳି ଉତ୍ସବମାନଙ୍କରେ ସ୍ଥାନୀୟ ପ୍ରତିନିଧିମାନଙ୍କୁ ଦଳମତ ନିର୍ବିଶେଷରେ ସାମିଲ୍ କରିବାର ଏକ ଉନ୍ନତ ପରମ୍ପରା ବେଶ୍ କିଛିବର୍ଷ ହେଲା ତିଆରି ହୋଇ ଆସିଛି । ଆଜି ତାକୁ ଭଙ୍ଗାଗଲା କାହିଁକି? ପ୍ରଧାନମନ୍ତ୍ରୀ କହିଲେ ରାଜ୍ୟ ସରକାର ଯଦି ସହଯୋଗ କରିବେ, ତାହାହେଲେ ତୈଳ ପ୍ରକଳ୍ପ ହେବ । ମନେହେଲା ସତେ ଯେପରି ରାଜ୍ୟରେ ବିରୋଧୀ କଂଗ୍ରେସର ସରକାର ଅଛି । କି ପ୍ରକାର ସହଯୋଗ ରାଜ୍ୟ ସରକାରଙ୍କଠାରୁ ସେ ଚାହୁଁଛନ୍ତି ସେକଥା ସ୍ପଷ୍ଟ କରି କହିଥିଲେ ଭଲ ହୋଇଥାଆନ୍ତା । ଯଦି ବିକ୍ରିକର ପ୍ରସଙ୍ଗ ହିଁ ଏକମାତ୍ର ଅନ୍ତରାୟ, ତାହାହେଲେ ପ୍ରଧାନମନ୍ତ୍ରୀ ସେ ସମ୍ପର୍କରେ ଅନ୍ୟ ଏକ ଯୁକ୍ତିକୁ ମଧ୍ୟ ବିଚାର କରିବା ଉଚିତ । ପୁଞ୍ଜି ନିବେଶ ପାଇଁ ରାଜ୍ୟ ସରକାରମାନେ ବିଭିନ୍ନ ପ୍ରକାର ରିହାତି ଦେଇ ଶିଳ୍ପନୀତି ଘୋଷଣା କରିବାର କଥାକୁ ଅତୀତରେ କେନ୍ଦ୍ର ସରକାର ନାପସନ୍ଦ କରିଛନ୍ତି । ବିଶେଷ କରି ରାଜ୍ୟମାନଙ୍କର ଶିଳ୍ପ ନୀତିରେ ବିକ୍ରିକର ଉଚ୍ଛେଦ ବା ରିହାତି ପ୍ରସଙ୍ଗକୁ ଅବାଞ୍ଛିତ ଓ ଅଯୌକ୍ତିକ ବୋଲି କହି ଏଥିରୁ ନିବୃତ୍ତ ରହିବାପାଇଁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ବରାବର ପରାମର୍ଶ ଦେଇ ଆସୁଛନ୍ତି । ଏହି ପରିପ୍ରେକ୍ଷୀରେ ବିକ୍ରିକର ଉଚ୍ଛେଦକୁ ସର୍ତ୍ତ କରି ରଖିବା କେତେଦୂର ଯୁକ୍ତିଯୁକ୍ତ ପ୍ରଧାନମନ୍ତ୍ରୀ ବିଚାର କରିବା କଥା । ପୁଣି ଓଡ଼ିଶା ପରି ରାଜ୍ୟଗୁଡ଼ିକ ସମ୍ବଳ ଅଭାବରୁ କିଭଳି ଋଣଯନ୍ତ୍ରା ଆଡ଼କୁ ଠେଲି ହୋଇଯାଉଛନ୍ତି ଏବଂ ବିକାଶ ସମ୍ପୂର୍ଣ୍ଣ ଭାବରେ ସଙ୍କୁଚିତ ହେଉଛି ସେକଥା ଆଜି ଆମେ ଅଙ୍ଗେ ନିଭାଉଛୁ । କୃଷି ବୀମା ପାଇଁ ଆବଶ୍ୟକ ପଡୁଥିବା ଅର୍ଥରାଶି ମଧ୍ୟ ଠିକ୍ ସମୟରେ ଦେଇ ହେଲାନାହିଁ । ଯେ କୌଣସି ଉପାୟରେ ଧାରଉଧାର କରି ଦରମା ଗଣ୍ଡାକ ଦେଇଦେବା ରାଜ୍ୟ ସରକାରମାନଙ୍କର ଏକମାତ୍ର କାର୍ଯ୍ୟ ହୋଇଛି । ଗୋଟିଏ ତୈଳ ପ୍ରକଳ୍ପ ପାଇଁ ଏପରି ଏକ ରାଜ୍ୟକୁ ହଜାର ହଜାର କୋଟି ଟଙ୍କାର ବିକ୍ରିକର ଛାଡ଼ିଦେବାର ସର୍ତ୍ତ ରଖିବା କେତେ ପ୍ରାସଙ୍ଗିକ, କବି ବାଜପେୟୀ ବିଚାର କରିବେ କି?

ଆମ ମୁଖ୍ୟମନ୍ତ୍ରୀ ମଧ୍ୟ କମ୍ ନିର୍ଲଜ ନୁହଁନ୍ତି । ପାଞ୍ଚବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସାମଗ୍ରିକ ଜୀବନରେ ରହି ମଧ୍ୟ ସାଧାରଣ ଲୋକଙ୍କର ଭାଷା କହିବା ଓ ବୁଝିବା ଅବସ୍ଥାରେ ସେ ନାହାନ୍ତି । ଆମେ ଯେତେବେଳେ ଏକଥା କହୁଥିଲୁ ତାକୁ ସେ ହେୟଜ୍ଞାନ କରୁଥିଲେ । ତାଙ୍କ ପ୍ରତି ଈର୍ଷା ଏବଂ ଅସୂୟାର ବଶବର୍ତ୍ତୀ ହୋଇ ଆମେ ଏପରି କହୁଛୁ ବୋଲି ତାଙ୍କର ଚାଟୁକାରମାନେ ତାଙ୍କୁ ବୁଝେଇ ଦେଉଥିଲେ । ପ୍ରଧାନମନ୍ତ୍ରୀ ନିଜେ ତାଙ୍କୁ ପରିହାସ ଛଳରେ ଏକଥା କହିଲା ପରେ ସେ ଏବେ ଓଡ଼ିଆ ବୁଝୁଛନ୍ତି ବୋଲି କହୁଛନ୍ତି । ନବୀନବାବୁ କ'ଣ ବୁଝୁଛନ୍ତି ଆମେ ଜାଣୁନା । ସେ କିନ୍ତୁ କ'ଣ ଭାବୁଛନ୍ତି ତାହା ଆମେ ବେଶ୍ ଭଲଭାବରେ ତାଙ୍କ ଢଙ୍ଗରୁ ଅନୁମାନ କରିପାରୁଛୁ । ସେ ଭାବୁଛନ୍ତି ଅଳ୍ପକରେ ସନ୍ତୁଷ୍ଟ ଓ ସରଳ ବିଶ୍ୱାସୀ ଓଡ଼ିଆଙ୍କୁ ଭୁଆଁ ବୁଲାଇ କ୍ଷମତାକୁ ଆସିବା ଅତି ସହଜ ।